## ବରୁଳ ଯାତ୍ରା ପାଳିତ

**ଘଣ୍ଟାପଡା (ଡି.ଏନ.ଏ):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଖୁଣ୍ଟିଗୋରାର ବରୁଳ ଯାତ୍ରା କୋଭିଡ୍ କଟକଣା ଯୋଗୁ ନିରାଡ଼ମ୍ବର ଭାବେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ମସିଣାଗୋରା ବରୁଳ ପୀଠରେ ମଧ୍ୟ ଏହି ଯାତ୍ରା ପାଳିତ ହୋଇଛି। ପୂଜକ ଅଇବନ ଭୋଇ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଦୈତାରି ଷାଣ୍ଡ, ହେମନ୍ତ କାଲସେ ଓ ଯଦୁ ଭୋଇ ବରୁଆ ଥିଲେ। ଏହି ପର୍ବ ପାଳନ ଦ୍ୱାରା ଅଞ୍ଚଳରେ ଭାଇଚାରାର ସମ୍ପର୍କ ରଖିଥାଏ ବୋଲି ପୂଜକ ସନ୍ତୋଷ ଝାଙ୍କର କହିଛନ୍ତି।

## ସଂକ୍ଷେପରେ

### ପ୍ରଭାତ କୁମାର ସିହ୍ନାଙ୍କୁ ଏମ୍‌ସିଏଲ୍‌ର ଅତିରିକ୍ତ ଦାୟିତ୍ୱ



**ସମ୍ବଲପୁର, ୧।୧୧ (ବ୍ୟୁରୋ):** ନର୍ଦ୍ଦର୍ନ କୋଲଫିଲ୍ଡ ଲିମିଟେଡ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ସିହ୍ନା ରବିବାର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିହ୍ନା ରାୟପୁର ଏନ୍‌ଆଇଟିରୁ ମାଇନିଂ ଇଞ୍ଜିନିୟରିଂରେ ସ୍ନାତକ ଓ ଧାନବାଦ ଆଇଆଇଟିରୁ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଥିଲେ। କୋଲ୍ ଇଣ୍ଡିଆର ବିଭିନ୍ନ ଖଣି ଅଞ୍ଚଳରେ ୩୭ବର୍ଷ କାର୍ଯ୍ୟ କରି ସେ ସଫଳତା ହାସଲ କରିଛନ୍ତି। ଏଥିସହ ସେ କୋଲ୍ ଇଣ୍ଡିଆର ବିଭିନ୍ନ ପଦ ପଦବୀରେ ରହିଛନ୍ତି।

### କାମ କରି ମିଳିନି ମଜୁରି

**କଣ୍ଟାବାଞ୍ଜି, ୧।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ଅନ୍ତର୍ଗତ ସମରସିଂ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଥିବା ୨ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ମଜୁରି ମିଳିନାହିଁ। ମଜୁରି ପାଇବାରୁ ବଞ୍ଚିତ ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ସମରସିଂ ଫଟାମୁଣ୍ଡାରେ ଚଳିତ ଆର୍ଥିକ ବର୍ଷରେ ଜମିରେ ଗାତ ଖୋଳିବା ଏବଂ ମରାମତି କାମରେ ସେମାନେ ନିୟୋଜିତ ଥିଲେ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଇତିମଧ୍ୟରେ ୨ମାସ ବିତିଯାଇଛି। ହେଲେ ସେମାନଙ୍କୁ ମଜୁରି ବାବଦ ଦେୟ ଦିଆଯାଇନାହିଁ। ଲକ୍‌ଡାଉନ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଥିଲେ। ହେଲେ କାମ କରିଥିବା ଶ୍ରମିକ ପାଉଣା ନ ପାଇ ଦାଦନ ଖଟି ଯିବାକୁ ସଜବାଜ ହେଲେଣି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଅତ୍ୟାଧୁନିକ କାର୍ଯ୍ୟ ଲାଗି ଟ୍ରେନ୍ ସେବା ବାତିଲ

**ସମ୍ବଲପୁର, ୧।୧୧ (ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳର ଟିଟିଲାଗଡ଼-ରାୟପୁର ସେକଶନ୍ ମଧ୍ୟରେ ତୁରେକେଲା- ହରିଶଙ୍କର-ଲଖନା ସେକ୍‌ଶନରେ ସୁରକ୍ଷାଜନିତ ଆଧୁନିକୀକରଣ ଓ ଦୋହରାକରଣ କାର୍ଯ୍ୟ ଚାଲିଛି। ତେଣୁ ଟ୍ରେନ୍ ସଂଖ୍ୟା ୦୭୮୮୭ ବିଶାଖାପାଟଣା-ନିଜାମୁଦ୍ଦିନ ସ୍ପେଶାଲ ଏକ୍ସପ୍ରେସ ଆସନ୍ତା ୩ରୁ ୮ତାରିଖ ମଧ୍ୟରେ ବାତିଲ ରହିବ। ସେହିପରି ଟ୍ରେନ୍ ସଂଖ୍ୟା ୦୨୮୮୮ ନିଜାମୁଦ୍ଦିନ- ବିଶାଖାପାଟଣା ସ୍ପେଶାଲ ଏକ୍ସପ୍ରେସ ୨ରୁ ୭ ତାରିଖ ମଧ୍ୟରେ ବାତିଲ ରହିବ। ଟ୍ରେନ୍ ସଂଖ୍ୟା ୦୮୪୨୫ ପୁରୀ-ଦୁର୍ଗ ସ୍ପେଶାଲ ଏକ୍ସପ୍ରେସ ୨ରୁ ୮ତାରିଖ ମଧ୍ୟରେ ଟିଟିଲାଗଡ ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ୦୮୪୨୬ ଦୁର୍ଗ-ପୁରୀ ସ୍ପେଶିଆଲ ଏକ୍ସପ୍ରେସ ନଭେମ୍ବର ୩ରୁ ୯ତାରିଖ ମଧ୍ୟରେ ଟିଟିଲାଗଡରୁ ପୁରୀ ଚଳାଚଳ କରିବ। ୦୮୪୨୫ ଓ ୦୮୪୨୬ ସ୍ପେଶିଆଲ ଏକ୍ସପ୍ରେସ ଟ୍ରେନ ଉଭୟ ପଟରୁ ଟିଟିଲାଗଡ ଓ ଦୁର୍ଗ ମଧ୍ୟରେ ନଭେମ୍ବର ୩ରୁ ୯ତାରିଖ ପର୍ଯ୍ୟନ୍ତ ବାତିଲ ହେବ ବୋଲି ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସାଇକେଲରୁ ଖସିପଡ଼ି ହୋମଗାର୍ଡ ମୃତ

**ବଲାଙ୍ଗୀର ଅଫିସ, ୧।୧୧:** ବଲାଙ୍ଗୀର କାର୍ଯ୍ୟାଳୟକୁ ଆସୁଥିବା ବେଳେ ହୋମଗାର୍ଡ ଚୈତନ୍ୟ ପ୍ରଧାନ (୪୭) ରବିବାର ସହରର ଭାଗିରଥି ଛକ ନିକଟରେ ସାଇକେଲରୁ ଖସି ପଡି ଚେତାଶୂନ୍ୟ ହୋଇପଡିଥିଲେ। ପୋଲିସ ପିସିଆର ଗାଡି ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତରର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ହୋମଗାର୍ଡ ପ୍ରଧାନ ତୁଲଣ୍ଡି ଗ୍ରାମର। ପରିବାର ସହ ସେ ପ୍ୟାଲେସ ଲାଇନ୍‌ରେ ରହୁଥିଲେ।

# ନାଗରମଥା ଚେର: ମିଳୁନି ଉଚିତ ମୂଲ୍ୟ

- କ୍ଷତି ସହୁଛନ୍ତି ସଂଗ୍ରହକାରୀ
- ଏଜେଣ୍ଟ, ବିଭାଗ ମାଲେମାଲ

**ଦେଓଗାଁ, ୧।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ପ୍ରବାହିତ ସୋନଗଡ ନଦୀ ଅବବାହିକା ତଥା ଜଙ୍ଗଲରେ ଅନେକ ବନ୍ୟଜାତ ଦ୍ରବ୍ୟ ଭରିରହିଛି। ସେଥିମଧ୍ୟରୁ ନାଗରମଥା ଚେର ଅନ୍ୟତମ। ଗାଇବାହାଲ ପଞ୍ଚାୟତରୁ ଦେଷଣ୍ଡ ମଧ୍ୟରେ ପ୍ରବାହିତ ସୋନଗଡ ନଦୀ ଅବବାହିକାରେ ଏହି ଚେର ପ୍ରଚୁର ମିଳିଥାଏ। ଏହା ଏକ ଔଷଧୀୟ ଚେର ହୋଇଥିବାରୁ ଏହାକୁ ସଂଗ୍ରହ କରି ଅନେକ ଶ୍ରମିକ ସ୍ୱାବଲମ୍ବୀ ହୋଇଥାନ୍ତି। ମହିଳା ଗୋଷ୍ଠୀଗୁଡ଼ିକ ପାଇଁ ମଧ୍ୟ ଏହା ଅର୍ଥନୈତିକ ବିକାଶର ଉତ୍ସ ପାଲଟିଛି। ହେଲେ ଉକ୍ତ ବନ୍ୟଜାତ ଦ୍ରବ୍ୟର ସରକାରୀ ଧାର୍ଯ୍ୟ ମୂଲ୍ୟ ଉପରେ ଅବଗତ ନ ଥିବାରୁ ସଂଗ୍ରହକାରୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନ୍ୟପକ୍ଷେ ଏଜେଣ୍ଟ ଓ ବିଭାଗୀୟ କର୍ମଚାରୀମାନେ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏଣୁ ସରକାର ଧାର୍ଯ୍ୟ କରିଥିବା ୪୯ଟି ଲଘୁବନଜାତ ଦ୍ରବ୍ୟର ଧାର୍ଯ୍ୟମୂଲ୍ୟର ତାଲିକା ସାଧାରଣରେ ପ୍ରକାଶ କରିବାକୁ ଦାବି ହେଉଛି।



ସଂଗୃହୀତ ନାଗରମଥା ଚେରକୁ ଉତ୍ପାଦକ ଦଳ ତରଫରୁ ପ୍ରକ୍ରିୟାକରଣ କରାଯାଉଛି।

ସୂଚନାନୁସାରେ ବ୍ଲକର ଓଡ଼ିଶା ଜୀବିକା ମିଶନ ଜରିଆରେ ଗାଇବାହାଲ, ସାରସମାଲ, ଧଣ୍ଡାମାଲ, ଲଣ୍ଡାପଥର, ଦେଷଣ୍ଡ ଓ ରାମଚନ୍ଦ୍ରପୁର ପଞ୍ଚାୟତର ୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ୧୪ଟି ଉତ୍ପାଦକ ଦଳ ଗଠନ ହୋଇଛି। ଏହି ଦଳର ସଦସ୍ୟାମାନେ ବନଜାତ ଦ୍ରବ୍ୟ ସଂଗ୍ରହ ପରେ କ୍ରୟ କରିବାପାଇଁ ଚୁକ୍ତି କରିଥିବା ଫାଇଟୋବାଅକ୍ସ ନାମକ ଏକ କମ୍ପାନୀକୁ ଓଡିଶା ଜୀବିକା ମିଶନ ଜରିଆରେ ବିକ୍ରି କରିଥାନ୍ତି। ଉତ୍ପାଦକ ଦଳ ତରଫରୁ ଗାଁଗୁଡ଼ିକରେ କାମ ଅନ୍ୱେଷଣରେ ଥିବା ଶ୍ରମିକ ତଥା ପ୍ରବାସୀ ଶ୍ରମିକଙ୍କୁ ନିୟୋଜିତ କରି ନାଗରମଥା ଚେର ସଂଗ୍ରହ କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ଟନ ଚେର ସଂଗ୍ରହ ହୋଇସାରିଛି। କେଜିପ୍ରତି ୧୨ରୁ ୧୫ ଟଙ୍କା ମଧ୍ୟରେ ଏହାର ବିକ୍ରି କରାଯାଉଛି। ତେବେ ଏହାର ପ୍ରକୃତ ସରକାରୀ ଧାର୍ଯ୍ୟମୂଲ୍ୟ ୩୦ଟଙ୍କା ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏ ନେଇ ଓଡ଼ିଶା ଜୀବିକା ମିଶନର ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ କୁମାର ଛତ୍ରିଆଙ୍କୁ ଯୋଗାଯୋଗ କରିବାରୁ ଉତ୍ପାଦକ ଦଳ ଶ୍ରମିକମାନଙ୍କଠାରୁ ୧୦ରୁ ୧୨ ଟଙ୍କାରେ କ୍ରୟ କରି ତାକୁ ପ୍ରକ୍ରିୟାକରଣ ପରେ ୨୩ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ଧାର୍ଯ୍ୟଦର ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କ ପରାମର୍ଶ ନେଲାପରେ ପଦକ୍ଷେପ ନେବୁ ବୋଲି ସେ କହିଥିଲେ।

## ପରିତ୍ୟକ୍ତ କୂଅରୁ ହାତୀଛୁଆ ଉଦ୍ଧାର

**ରେଢାଖୋଲ, ୧।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡ କୁକୁଡାବାହାଲି ପଞ୍ଚାୟତର ବଡକସିବାହାଲ ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୂଅରେ ଖସିପଡିଥିବା ଏକ ଛୁଆ ମାଈହାତୀକୁ ବନବିଭାଗ ଉଦ୍ଧାର କରିଛି। ଶନିବାର ରାତି ପ୍ରାୟ ୧୧ଟା ବେଳେ ପୋଲିସ, ଦମକଳବାହିନୀ ଓ ବନକର୍ମଚାରୀ ମିଳିତଭାବେ କୂଅରୁ ହାତୀଛୁଆକୁ ଉଦ୍ଧାର କାମ ଆରମ୍ଭ କରିଥିଲେ। ପ୍ରଥମେ ହାତୀଛୁଆ ପଡିଥିବା କୂଅ ଚାରିପାଖେ ଘେରି ରହି ଗର୍ଜନ କରୁଥିବା ପ୍ରାୟ ୨୦ହାତୀପଲଙ୍କୁ ଘଉଡା ଯାଇଥିଲା। ପରେ ଜେସିବି ମେଶିନ ସାହାଯ୍ୟରେ କୂଅର ଏକ ପାର୍ଶ୍ୱରୁ ଖୋଳି ରାସ୍ତା କରାଯାଇଥିଲା।.ପ୍ରାୟ ୫ଘଣ୍ଟାର ଅପରେଶନ ପରେ ହାତୀଛୁଆ ବାହାରକୁ ଆସିଥିଲା। ବନ ବିଭାଗ କର୍ମଚାରୀ ହାତୀଛୁଆକୁ ଜଙ୍ଗଲ ଆଡକୁ ଘଉଡାଇ ଦେଇଥିଲେ। ଗତ କିଛିଦିନ ଧରି କୁକୁଡାବାହାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ହାତୀପଲ ଅମଳକ୍ଷମ ଧାନ ଫସଲ ଖାଇବା ସହ ମାଡିଦଳି ନଷ୍ଟ କରୁଛନ୍ତି। ଶନିବାର ରାତି ପ୍ରାୟ ସାଢେ ୮ଟା ବେଳେ ଧାନଫସଲ ଖାଇବାକୁ ଆସିଥିବା ବେଳେ ହାତୀପଲ ସହ ଥିବା ଏହି ଛୁଆ ହାତୀଟି ବଡକସିବାହାଳ ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡିଯାଇଥିଲା। ଖବର ପାଇ ଡିଏଫଓ ପ୍ରଦୀପ୍ତ କୁମାର ସାହୁ, ରେଞ୍ଜର ମୈତ୍ରିମଞ୍ଜିତ ବିଶ୍ୱାଳ, ଫରେଷ୍ଟର ଛବିଳ ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଅଗ୍ନିଶମ ଅଧିକାରୀଙ୍କ ସମେତ ପୋଲିସ, ବନ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।



କୂଅରେ ପଡିଥିବା ହାତୀଛୁଆ।

# ରୋଗରେ ମରିଯାଉଛି ଲଙ୍କାଗଛ

**ଦେଓଗାଁ, ୧।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡାର ଚାଷୀ ଶମ୍ଭୁଭୂଷଣ ସାହୁ। ପ୍ରତିବର୍ଷ ୧୨ରୁ ୧୩ ଏକର ଜମିରେ ପନିପରିବା ଚାଷ କରିଥାନ୍ତି। ଚଳିତବର୍ଷ ୮ହଜାର ଲଙ୍କା ଗଛ ଲଗାଇଛନ୍ତି। ହେଲେ ଗତ ୧୦ ଦିନ ହେଲା ଲଙ୍କାଗଛରେ ଅଜଣା ରୋଗ ଲାଗି ମରିବାକୁ ବସଛି। ଏ ନେଇ ସେ ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜିତା ପୁରୋହିତଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଔଷଧ ଲେଖିଦେଇ କ୍ଷେତ୍ର ପରିଦର୍ଶନ ପାଇଁ ସେ ତାଙ୍କର ଜଣେ ସହଯୋଗୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ପଠାଇଥିଲେ। ପରେ ସମ୍ପୃକ୍ତ କର୍ମଚାରୀ ଜଣକ ଉକ୍ତ ଚାଷୀଙ୍କ ଲଙ୍କାଚାଷର ଫଟୋ ଉତ୍ତୋଳନ କରି ଫେରିଯାଇଥିଲେ। ଚାଷୀ ଶମ୍ଭୁଭୂଷଣ ଉକ୍ତ ଔଷଧ ବଜାରରୁ ଆଣି ୭/୮ଥର ସ୍ପ୍ରେ କଲାପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଇତିମଧ୍ୟରେ ପ୍ରାୟ ୪୦ ପ୍ରତିଶତ ଗଛ ମରିଯାଇଥିବା ଶମ୍ଭୁଭୂଷଣ କହିଛନ୍ତି। ଏ ନେଇ ବ୍ଲକ ଉଦ୍ୟାନ ଅଧିକାରୀ ପୁରୋହିତଙ୍କୁ ଯୋଗାଯୋଗ କରିବାରୁ କିଛିଦିନ ହେଲା ବିଭାଗ ତରଫରୁ ଆମ୍ବଗଛ ବଣ୍ଟନ ଚାଲିଛି। ଏଣୁ ଚାଷୀଙ୍କ ସମସ୍ୟା ବୁଝିବାରେ ବିଳମ୍ବ ହୋଇଛି। ଯଦି କୁହାଯାଇଥିବା ଔଷଧ କାମଦେଉନାହିଁ ତା'ହେଲେ ମୁଁ ନିଜେ ଯାଇ ଦେଖିବି ବୋଲି ସେ କହିଥିଲେ।



ଅଜଣା ରୋଗରେ ମରିଯାଉଥିବା ଲଙ୍କା ଗଛ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**ବଲାଙ୍ଗୀର ଅଫିସ, ୧।୧୧:** ବଲାଙ୍ଗୀର ଆମ୍ବେଦକର ପାଠାଗାରଠାରେ ଦଳିତ ସମାଜ ପକ୍ଷରୁ ସାମାଜିକ କର୍ମୀ କୁଶ ନାଗଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ତ୍ରିଲୋଚନ ନନ୍ଦଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗୀୟ କୁଶ ନାଗ ଜଣେ ଲେଖକ, ସମାଜିକ କର୍ମୀ ଓ କଳାକାରଭାବେ ପରିଚିତ ଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟିରେ ସେ କାର୍ଯ୍ୟ କରି ଅବସରଗ୍ରହଣ କରିଥିଲେ। ଦଳିତ ସମାଜର ଉତ୍ଥାନ ପାଇଁ ସେ କାର୍ଯ୍ୟ କରୁଥିଲେ ମଧ୍ୟ ସବୁବର୍ଗଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା। ତାଙ୍କ ବିୟୋଗରେ ଦଳିତ ସମାଜ ଜଣେ ସୁସଙ୍ଗଠକ, ମାର୍ଗଦର୍ଶକଙ୍କୁ ହରାଇଲା ବୋଲି ଶୋକସଭାରେ ବକ୍ତାମାନେ ମତ ରଖିଥିଲେ। ସ୍ମୃତିଚାରଣ ସଭାରେ କାନ୍ତିଲାଲ ମୁଗ୍ରୀ, ନେପାଳ ବାଗ, ଶମ୍ଭୁ ନାଗ, ବିଜୟ ବାରିକ, ଦ୍ରୋଣ କୁମ୍ଭାର, କିଶୋର କୁମ୍ଭାର, ରଶ୍ମି ବାଗ, ତରଣୀ ଦୀପ, ବାସୁ ମୁଗ୍ରୀ, ସୀତାରାମ କୁମ୍ଭାର, ଭୁବନ ସୁନା ଉପସ୍ଥିତ ଥିଲେ।

## ସଡକ ଦୁର୍ଘଟଣା, ଜଣେ ମୃତ

**ଟେନସା, ୧।୧୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୋଇଡା ଥାନା କେର୍କେଟା ବସ୍ତି ନିକଟ ରାସ୍ତାରେ ସଡ଼କ ଦୁର୍ଘଟଣାରେ ଜଣେ ବାଳକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ କନ୍ତରକୋଇଡାର ରମେଶ ମହାକୁଡ଼(୧୪)। ଆହତ ସଚିନ ପ୍ରଧାନ(୧୪)ଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ରବିବାର ରମେଶ ଓ ସଚିନ ଏକ ବାଇକରେ ତେହେରେଇ ନାଳକୁ ଗାଧୋଇବାକୁ ଯାଉଥିବା ବେଳେ ରାସ୍ତାତଳକୁ ଖସି ପଡିଥିଲେ। ଲୋକେ ସେମାନଙ୍କୁ ଉଦ୍ଧାର କରି କୋଇଡା ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ରମେଶ ମହାକୁଡ଼ଙ୍କୁ ମୃତ ଘୋଷଣା କରିଥିଲେ।

## ମନମୁଣ୍ଡା ଟେମ୍ପୋ ଚାଳକ ସଂଘ ଗଠିତ

**ମନମୁଣ୍ଡା, ୧।୧୧ (ଡି.ଏନ.ଏ):** ବୌଦ୍ଧ ଜିଲା ମନମୁଣ୍ଡା ଟେମ୍ପୋ ଚାଳକ ସଂଘ ଗଠିତ ହୋଇଛି। ଧର୍ମେନ୍ଦ୍ର ବାଘଙ୍କ ଆବାହକତ୍ୱରେ ରବିବାର ଗାନ୍ଧୀଛକଠାରେ ଅନୁଷ୍ଠିତ ସଭାରେ ୨୯ଜଣ ଟେମ୍ପୋ ଚାଳକ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ସରୋଜ କୁମାର ପ୍ରଧାନ ସଭାପତି, କାହ୍ନୁ ସେନାପତି ଉପସଭାପତି, ଯୁଧିଷ୍ଠିର ବାଘ ସମ୍ପାଦକ, ସୁଦାମ ଜଗଦଲା ସହସମ୍ପାଦକ, ସୂର୍ଯ୍ୟକୁମାର ମେହେରଙ୍କୁ କୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଛି।

## କୋଲ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ




୪୬ତମ କୋଲ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା।

**ସମ୍ବଲପୁର, ୧।୧୧ (ବ୍ୟୁରୋ)**

କୋଲ୍ ଇଣ୍ଡିଆର ୪୬ତମ ପ୍ରତିଷ୍ଠା ଦିବସ ରବିବାର ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ବିହାରସ୍ଥିତ ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ବୈଷୟିକ ନିର୍ଦ୍ଦେଶକ ଓ.ପି ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କୋଲ୍ ଇଣ୍ଡିଆର ଧ୍ୱଜା ରୋହଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିତ୍ତ ନିର୍ଦ୍ଦେଶକ କେ.ଆର ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ବବନ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଲ୍ ଇଣ୍ଡିଆ ପ୍ରାରମ୍ଭରେ ୭୫ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଥିବା ବେଳେ ସମ୍ପ୍ରତି ଏହାର ଉତ୍ପାଦନ ୬ହଜାର ମିଲିୟନ ଟନ୍‌ରେ ପହଞ୍ଚିଛି। ଆସନ୍ତା ୪ବର୍ଷରେ ୧ବିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟ ଅତିଥି ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଏମ୍‌ସିଏଲ୍ ପକ୍ଷରୁ ନଭସଞ୍ଚାର ଜରିଆରେ ୧୪ତମ ଜେକେ କୁମାର ମଙ୍ଗଳମ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଡ. ଅଜିତ ବର୍ଦ୍ଧନକର ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

## ୩୮ ବର୍ଷରେ ଖଡ଼ିଆଳ ଗଜଲକ୍ଷ୍ମୀ ପୂଜା

**ଖଡ଼ିଆଳ, ୧।୧୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ସ୍ଥିତ ଲକ୍ଷ୍ମୀଚୌକ ୱାର୍ଡ ନଂ-୧୦ରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ୩୮ ବର୍ଷରେ ପଦାର୍ପଣ କରିଛି। କରୋନା ଯୋଗୁ ପୂଜାକୁ ନିରାଡମ୍ବର ସହିତ ପାଳନ କରାଯାଇଛି। ପୂଜା କମିଟି ତରଫରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯାଉଛି। ଏହି ଗଜଲକ୍ଷ୍ମୀ ପୂଜା ପ୍ରତ୍ୟେକ ବର୍ଷ ୫ରୁ ୬ ଦିନ ଧରି କରାଯାଉଥିବା ବେଳେ ଚଳିତ ବର୍ଷ ୩ ଦିନ ପାଳନ କରାଯାଇଛି। ଗତ ୨୯ ତାରିଖ ଦିନ ଅଧିବାସ ହୋଇଥିବା ବେଳେ ୩୦ ଓ ୩୧ ମା'ଙ୍କ ନୀତିକାନ୍ତ ପୂଜା ଏବଂ ରବିବାର ମା'ଙ୍କ ଭସାଣି କରାଯାଇଥିଲା। ପ୍ରମୋଦ ଠାକୁର ଓ ତାଙ୍କ ସ୍ତ୍ରୀ କଳ୍ପନା ଠାକୁର ପୂଜାକର୍ତ୍ତା ଏବଂ ପ୍ରଦୀପ କୁମାର ମିଶ୍ର ପୂଜକ କାର୍ଯ୍ୟ ତୁଲାଇଥିଲେ। କମିଟି ସଭାପତି ଚନ୍ଦନ କୁମାର ସାହୁ, ଉପସଭାପତି ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ସୁରେନ୍ଦ୍ର ଦଣ୍ଡସେନା, କୋଷାଧ୍ୟକ୍ଷ ନିର୍ମଳ ଦଣ୍ଡସେନା, ଆଶିଷ ପଣ୍ଡା, ଆଶୁତୋଷ ଯୋଶୀ, ମନୋହର ଶବର, ଉତ୍ତମ ମହାଉତି, ସୁମନ ମହାଉତି, ବୁଲୁ ଯୋଶୀ, ଗୌରବ ବୈଠାରୁ, ଦେବ ବୈଠାରୁ ପ୍ରମୁଖ ସହଯୋଗ କରିଥିଲେ।

# ଲାଙ୍ଗବାହାଲ ରାସ୍ତା ନିର୍ମାଣରେ ଅନିୟମିତତା

- ଡବ୍ଲ୍ୟୁଏମ୍‌ଏମ୍ ମିଶ୍ରଣରେ ହେରଫେର
- ବ୍ରିଜ୍ କାମ ବିଳମ୍ବ, ଯାତାୟାତରେ ସମସ୍ୟା
- ଅଭିଯୋଗ ପରେ ମଧ ବିଭାଗ ଚୁପ୍

**ସମ୍ବଲପୁର, ୧।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା-ଲାଙ୍ଗବାହାଲ ରାସ୍ତା କାମରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ରାସ୍ତା କାମ ଆରମ୍ଭରୁ ଅଞ୍ଚଳବାସୀ କାମର ମାନକୁ ନେଇ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ସୂଚନା ଅନୁସାରେ, ଯୁଯୁମୁରା-ଲାଙ୍ଗବାହାଲ ରାସ୍ତାର ଅଧା କାମ ହୋଇ ଯାଇଥିଲେ ମଧ ଏପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଫଳରେ କାମ ସମ୍ପର୍କରେ କିଛି ଜଣାପଡୁନାହିଁ। ରାସ୍ତାରେ ମୋରମ ବଦଳରେ ଲାଲ୍ ରଙ୍ଗର ମାଟି ବ୍ୟବହାର କରାଯାଉଛି। ୱେଟ୍ ମିକ୍ସ ମାକାଡାମ୍ (ଡବ୍ଲ୍ୟୁଏମ୍‌ଏମ୍‌ମିଶ୍ରଣରେ ଆବଶ୍ୟକ ସାମଗ୍ରୀ ବ୍ୟବହାର କରାଯାଉନାହିଁ। ମେଶିନ ସାହାଯ୍ୟରେ ଡବ୍ଲ୍ୟୁଏମ୍‌ଏମ୍ ମିଶ୍ରଣ ହେବା କଥା। ହେଲେ ତାହାକୁ ହାତରେ ମିଶ୍ରଣ କରାଯାଉଛି। ଫଳରେ ଏହାର ମାନ ଠିକ୍ ରହୁନାହିଁ। ରାସ୍ତାରେ ବିଛାଇବା ବେଳେ ବ୍ୟୟ ଅଟକଳ ଅନୁସାରେ ଦୈର୍ଘ୍ୟ, ପ୍ରସ୍ତ କରାଯାଉନାହିଁ କି ପାଣି ଛିଞ୍ଚନ ହେଉନାହିଁ। ଫଳରେ ଯାତାୟାତ ସମୟରେ ଲୋକମାନଙ୍କୁ ସମସ୍ୟା ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଦୋଳଗୋବିନ୍ଦ ବେହେରା କହିଛନ୍ତି ଯେ, ରାସ୍ତା କାମ ପରିଦର୍ଶନ କରାଯିବ। କାମ କିଭଳି ଭାବେ ଠିକ୍ ହେବ ସେ ନେଇ ଠିକାଦାରଙ୍କୁ ତାଗିଦ କରାଯିବ।



ସମ୍ବଲପୁର ଜିଲା ବ୍ରାହ୍ମଣୀନାଳା ରାସ୍ତା।

ସୂଚନାଯୋଗ୍ୟ, ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା କାମ ହାତକୁ ନିଆଯାଇଥିଲା। ୧୧ କି.ମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ବ୍ରିଜ ଓ କଂକ୍ରିଟ ରାସ୍ତା ମଧ୍ୟ ରହିଛି। ଏହି ରାସ୍ତା ନିର୍ମାଣ ହେଲେ ଯୁଯୁମୁରା, ଲିପିଣ୍ଡା, କୟାକୁଦ, କେଶପାଲି ପଞ୍ଚାୟତ ସମେତ ରେଢାଖୋଲ ବ୍ଲକର ଭାଲିଆକଟା, ମୁଚିବାହାଲ, ରେଙ୍ଗାଲି, ବଡମାଲ ଅଞ୍ଚଳବାସୀ ଉପକୃତ ହେବେ।

## ବଢୁଛି ବୟସ, ମିଳୁନି ଭତ୍ତା

**ନାକଟିଦେଉଳ, ୧।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅନ୍ତର୍ଗତ ଧାତୁକିମାଳ ଗ୍ରାମର ଋଷି ଭୋଇ(୬୫)। ଗରିବ ଆଦିବାସୀ ଶ୍ରେଣୀର ଋଷିଙ୍କ ପାଇଁ ସରକାରୀ ସହାୟତା ସାତସପନ ହୋଇଛି। ପ୍ରତିଶ୍ରୁତି ବିନା ତାଙ୍କୁ ଆଉ କିଛି ମିଳିପାରି ନାହିଁ। ସ୍ତ୍ରୀ ଓ ତିନି ପୁଅଙ୍କୁ ନେଇ ତାଙ୍କ ପରିବାର। ପର ଘରେ ମୂଲ ଲାଗି ଯାହା ରୋଜଗାର କରନ୍ତି ସେତିକିରେ କଷ୍ଟେମଷ୍ଟେ ସେ ପରିବାର ପ୍ରତିପୋଷଣ କରନ୍ତି। ପାଞ୍ଚପ୍ରାଣୀ କୁଟୁମ୍ବଙ୍କୁ ଦିନକୁ ଦୁଇଓଳା ଖାଦ୍ୟ ଯୋଗାଇବା ଋଷିଙ୍କ ପକ୍ଷେ ସମ୍ଭବ ହେଉନାହିଁ। ୬୦ବର୍ଷରେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଦେଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା। ହେଲେ ଋଷିଙ୍କୁ ବର୍ତ୍ତମାନ ୬୫ବର୍ଷ ହୋଇଥିଲେ ସୁଦ୍ଧା ଭତ୍ତା ପାଇ ପାରି ନାହାନ୍ତି। ଏକାଧିକ ଥର ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଅପରପକ୍ଷରେ ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦିଆଯିବା ଉପରେ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଆବାସ ଯୋଜନାରେ ବି ସାମିଲ ହୋଇପାରି ନାହାନ୍ତି ଋଷି। ତେଣୁ ଦୀର୍ଘବର୍ଷ ହେଲା ଭଙ୍ଗାଦଦରା ଚାଳଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ଗରିବ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଙ୍ଗା ଘର ସମ୍ମୁଖରେ ଋଷି ଭୋଇ।

**DAYANAND ACADEMY OF ART CULTURE AND YOGA (DAACY), SAMBALPUR**
**(Recognised by Govt. of Odisha, Affiliated to UUC)**
No.8/DAACY Date:1.11.2020
**REQUIRES FOLLOWING POSTS**
**PRINCIPAL:** Qualification MIY/MPA with 5 years experience
**LECTURER:** Qualification MIY/MPA. Salary as per the Govt. rules.
Mail your CV to : dayanandacademysambalpur@gmail.com
Mobile No.: 9437158817
Sd./- Chairman

**CENTRAL INSTRUMENTATION FACILITY**
**ODISHA UNIVERSITY OF AGRICULTURE AND TECHNOLOGY,**
**BHUBANESWAR-751003**
Email : cifouat@gmail.com, clabouat@gmail.com
Telephone : 0674-2562360 Website : www.ouat.nic.in
No: 74/CIF/OUAT/2020 Dated : 29.10.2020
Walk in interview is to be held on **11th November 2020 at 10 a.m.** for contractual engagement of two posts of young professionals at the Central Instrumentation Facility of OUAT, Bhubneswar. The details regarding essential/ desirable qualifications, age, amount of emoluments, date, time and venue, etc. and other terms and conditions are available in the **OUAT website - www.ouat.nic.in .**
Sd/-
OFFICER IN CHARGE

## ୮ କରୋନା ଯୋଦ୍ଧାଙ୍କୁ ଜିଲା ପୋଲିସର ସମ୍ବର୍ଦ୍ଧନା

ଦେବଗଡ଼,(ଡି.ଏନ୍.ଏ.): କରୋନାରୁ ସୁସ୍ଥହୋଇ କାର୍ଯ୍ୟରେ ଯୋଗଦେଇଥିବା ୮ଜଣ ପୋଲିସ କର୍ମଚାରୀ(କରୋନା ଯୋଦ୍ଧା)ଙ୍କୁ ଦେବଗଡ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନରେ ଉପରୋକ୍ତ ପୋଲିସ କର୍ମଚାରୀମାନେ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚିବାପରେ ଏସ୍‌ପି. ମନୋଜ କୁମାର ମହାନ୍ତ, ସର୍ଜେଣ୍ଟ ଗୋବିନ୍ଦ ମାରାଣ୍ଡି, ଏଏସ୍‌ଆଇ ଦିଲୀପ କୁମାର ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ସେମାନଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ପୋଲିସ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ କ୍ୱାରାଣ୍ଟାଇନରେ ଥିଲେ। ସୁସ୍ଥ ହେବାପରେ ରବିବାର କାର୍ଯ୍ୟରେ ଯୋଗଦାନ କରିଥିଲେ।

# ବୃଦ୍ଧାଶ୍ରମକୁ ଅପହଞ୍ଚ ସର୍ବନିମ୍ନ ସୁବିଧା

ବରଗଡ଼ ଅଫିସ୍,୧।୧୧

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ଗ୍ରାମଠାରୁ ୧ କିମି ଦୂରରେ ରହିଛି ପାର୍ବତୀଗିରି ବୃଦ୍ଧାଶ୍ରମ। ଏହି ବୃଦ୍ଧାଶ୍ରମକୁ ଆଲୁଅ, ପାନୀୟଜଳ, ପାଇଖାନା ଭଳି ସର୍ବନିମ୍ନ ସୁବିଧା ଅପହଞ୍ଚ ହୋଇ ପଡ଼ିଛି। ୨୦୧୭ ମସିହାରେ ପ୍ରତିଷ୍ଠିତ ଏହି ବୃଦ୍ଧାଶ୍ରମରେ ବର୍ତ୍ତମାନ ୨୦ଜଣ ବୃଦ୍ଧାବୃଦ୍ଧ ଅଛନ୍ତି। ସେମାନଙ୍କ ମଧ୍ୟରେ ୯ଜଣ ମହିଳା ଏବଂ ୧୧ଜଣ ପୁରୁଷ। ସେମାନେ ବରଗଡ଼, ସୋନପୁର, ଭବାନୀପାଟଣା ଆଦି ଅଞ୍ଚଳର ଅଟନ୍ତି। ଆଶ୍ରମ ଅନ୍ତେବାସୀଙ୍କୁ ରହିବା, ଖାଇବା ସମେତ ବିଭିନ୍ନ ସେବା ମିଳୁଛି। ମାତ୍ର ବୃଦ୍ଧାଶ୍ରମକୁ ଏପର୍ଯ୍ୟନ୍ତ ପାନୀୟଜଳ, ଆଲୁଅ, ପାଇଖାନା ଭଳି ସର୍ବନିମ୍ନ ସୁବିଧା ମିଳନାହିଁ। ପୂର୍ବରୁ ଲଣ୍ଠନ ଜାଳି ରାତି ବିତାଉଥିବା ଅନ୍ତେବାସୀଙ୍କ ପାଇଁ ଏବେ ଏକ ସାମାଜିକ ଅନୁଷ୍ଠାନ ପ୍ରଦତ୍ତ ସୋଲାର ଲାଇଟ୍ ଆଲୁଅର ଭରସା ପାଲଟିଛି। ସେହିପରି ଏଠାରେ ପାନୀୟଜଳ ସମସ୍ୟା ରହିଛି। ଏଠାକାର ଏକ ଖୋଲା କୂଅ ପାଣିକୁ ଅନ୍ତେବାସୀ ବ୍ୟବହାର କରୁଛନ୍ତି। ପାଇଖାନା ନ ଥିବା ଯୋଗୁ ଅନ୍ତେବାସୀଙ୍କୁ ଶୌଚ ପାଇଁ ଖୋଲା ପଡ଼ିଆ ଯିବାକୁ ପଡୁଛି। ଏଭଳି ନାନା ସମସ୍ୟାରେ ରହିଥିବା ପାର୍ବତୀଗିରି ଆଶ୍ରମକୁ ସୁବିଧା ଯୋଗାଇ ଦେବା ପାଇଁ ମତପ୍ରକାଶ ପାଇଛି।



ପାର୍ବତୀ ଗିରି ବୃଦ୍ଧାଶ୍ରମର ଅନ୍ତେବାସୀ।

### ସମସ୍ୟାର ସମାଧାନ ଦରକାର



ପାର୍ବତୀ ଗିରି ବୃଦ୍ଧାଶ୍ରମ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଉତ୍ତମ ସେବା ଯୋଗାଇ ଆସୁଛି। ଆମେ ନିଜ ଆଖିରେ ତାହା ଦେଖିଛୁ। ସେଠାରେ ବୃଦ୍ଧାବୃଦ୍ଧଙ୍କୁ ସବୁ ସେବା ଯୋଗାଇ ଦିଆଯାଉଛି। କିନ୍ତୁ ବିଦ୍ୟୁତ ସଂଯୋଗ ନ ଥିବା ଯୋଗୁ ସେମାନେ ଅନ୍ଧାରରେ ଜୀବନ ବିତାଉଛନ୍ତି। ସେହିପରି ପାନୀୟଜଳ, ପାଇଖାନା ସମସ୍ୟା ରହିଛି। ସରକାର ତଥା ସ୍ଥାନୀୟ ଜନ ପ୍ରତିନିଧିମାନେ ଏହି ସମସ୍ୟାର ସମାଧାନ କରିବାର ଆବଶ୍ୟକତା ରହିଛି।

- ବିକାଶ ଅଗ୍ରୱାଲ, ସାମାଜିକ କର୍ମୀ

### ସରକାରଙ୍କ ପ୍ରତି ଭରସା ରହିଛି



ଆଶ୍ରମରେ ପାନୀୟ ଜଳ, ବିଦ୍ୟୁତ, ପାଇଖାନା ସମସ୍ୟା ରହିଛି। ସ୍ଥାନୀୟ ବିଧାୟିକା ରୀତା ସାହୁ, ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦୃଷ୍ଟି ଆକର୍ଷଣ ପରେ ଏଠାକୁ ବିଦ୍ୟୁତ ସଂଯୋଗ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସ୍ଥାନୀୟ ୱେସ୍କୋ ଅଧିକାରୀ ସୂଚନା ଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ସେହିପରି ପାନୀୟଜଳ, ପାଇଖାନା ସମସ୍ୟାର ପ୍ରତିକାର ପାଇଁ ମଧ୍ୟ ସରକାର ପଦକ୍ଷେପ ନେବେ ବୋଲି ଆମର ଆଶା ରହିଛି।

- ଜଳନ୍ଧର ପଟେଲ, ଆଶ୍ରମ ପରିଚାଳକ

## ସଂକ୍ଷେପରେ

### ୫୦ ବର୍ଷରେ ଘୋଡାଘାଟପଡା ଗଜଲକ୍ଷ୍ମୀ ପୂଜା



ସୋନପୁର,୧।୧୧(ନି.ପ୍ର.): ସୋନପୁର ସହରର ଘୋଡାଘାଟପଡାସ୍ଥିତ ବ୍ୟାସ ଆଶ୍ରମଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଶନିବାରଠାରୁ ଆରମ୍ଭ ହୋଇଛି। ୫୦ ବର୍ଷରେ ପଦାର୍ପଣ କରିଛି ଏହି ପୂଜା। ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ ପୂଜା କମିଟି ସମସ୍ତ ପ୍ରସ୍ତୁତି କରିଥିଲା। ତେବେ କୋଭିଡ କଟକଣା ଯୋଗୁ କମିଟି ମହୋତ୍ସବକୁ ବାତିଲ କରିଛି। ସରକାରଙ୍କ ନିୟମାବଳୀ ଅନୁଯାୟୀ କେବଳ ପୂଜା ନୀତି ସମ୍ପନ୍ନ ହେଉଛି। ଏହି ପୂଜାରେ ହିମାଂଶୁ ଶତପଥୀ ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନା କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। କରୋନା ଜନିତ ସରକାରୀ କଟକଣା ହଟିଲେ ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ କରାଯିବ ବୋଲି ସଭାପତି ରାଜା ପାଣିଗ୍ରାହୀ ଓ ସମ୍ପାଦକ ସୁମିତ ପୂଜାହାରୀ କହିଛନ୍ତି।

### ପୁସ୍ତକ ଉନ୍ମୋଚନ, କବିତା ଆସର



ଲୋଇସିଂହା,୧।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ପୁସ୍ତକ ଉନ୍ମୋଚନ ଓ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା କୋଶଲୀ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଗଜେନ୍ଦ୍ର ଦଣ୍ଡସେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ଘାସିରାମ ମିଶ୍ର ମୁଖ୍ୟ ଅତିଥି, ରବୀନ୍ଦ୍ର ସାହୁ, ଚନ୍ଦ୍ରାବତୀ ପାଣ୍ଡେ ସମ୍ମାନିତ ଅତିଥି, ଅଧ୍ୟାପକ ପ୍ରକାଶ ସେଠ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନଅଗାଁ(ଖ)ର ଗୌନ୍ତିଆ ସ୍ୱର୍ଗତ ବାଲମୁକୁନ୍ଦ ସାହୁଙ୍କ ସ୍ମୃତିରେ ଲଳିତ ସାହୁଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ ପିତୃମାତୃ ପୂଜନ ଓ ଜଣା ଅଜଣାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ରତ୍ନମୟ ତ୍ରିପାଠୀଙ୍କ ସଂଯୋଜନାରେ ୩୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧।୧୧: ବଲାଙ୍ଗୀର ସହରର ଧର୍ମପ୍ରାଣା ମହିଳା ପ୍ରବୀଣା ପଟ୍ଟନାୟକ (୭୫)ଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇପୁଅ ଜୟଶଙ୍କର, ଶିବଶଙ୍କର, ବୋହୂ ସୌଦାମିନୀ, ସଙ୍ଗୀତା, ଦୁଇ ନାତି, ଝିଅ, ଜ୍ୱାଇଁ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ପୁତ୍ର ଜୟଶଙ୍କର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

# ତେଲ ମାନ ପରୀକ୍ଷା ଲାଗି ଯୋଗାଣ ଅଧିକାରୀଙ୍କୁ ଚିଠି

**ପେଟ୍ରୋଲ ପମ୍ପରେ ତେଲ ଅପମିଶ୍ରଣ ଅଭିଯୋଗ**

ଲୋଇସିଂହା,୧।୧୧(ଡି.ଏନ.ଏ.)

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ଲୋଇସିଂହାସ୍ଥିତ ଏକ ପେଟ୍ରୋଲ ପମ୍ପରେ କିରୋସିନ ମିଶ୍ରିତ ଡିଜେଲ ବିକ୍ରି ହେଉଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଥିଲା। ବଲାଙ୍ଗୀର ସହର କଲେଜ ଛକର ସୁରଜ ସିଂହାନିୟାଙ୍କଠାରୁ ଏହି ଅଭିଯୋଗ ପାଇ ପୋଲିସ ଉକ୍ତ ପେଟ୍ରୋଲ ପମ୍ପର ତେଲର ମାନ ପରୀକ୍ଷଣ ଓ ମାପ ଯାଞ୍ଚ ପାଇଁ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କୁ ଚିଠି କରିଛି। ପୋଲିସ ସୂଚନା ଅନୁଯାୟୀ, ସୁରଜ ଗତ ଅକ୍ଟୋବର ୨୯ ତାରିଖ ଦିନ ନିଜ ଚାରିଚକିଆ ଗାଡି(ଓଡି୦୩ଜି୯୬୬୬)ରେ ସମ୍ବଲପୁରରୁ ବଲାଙ୍ଗୀର ଫେରୁଥିବା ବାଟରେ ଉକ୍ତ ପେଟ୍ରୋଲ ପମ୍ପରେ ରାତି ୧୨ଟାରେ ୫ଶହ ଟଙ୍କାର ଡିଜେଲ ପକାଇଥିଲେ। ସେଠାରୁ କିଛି ବାଟ ଗଲା ପରେ ହଠାତ୍ ଗାଡି ବନ୍ଦ ହୋଇଯାଇଥିଲା। ଅପମିଶ୍ରଣ ଯୋଗୁ ଏପରି ହେଲା ବୋଲି ଜଣାପଡିଥିଲା। ଶୁକ୍ରବାର ସୁରଜ ଲୋଇସିଂହା ଥାନାକୁ ଆସି ଘଟଣା ସଂକ୍ରାନ୍ତରେ ଜଣାଇବା ସହ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଏସ୍‌ଆଇ ନବୀନ ଭୋଇ କହନ୍ତି, ଏହା ପ୍ରଥମ ଅଭିଯୋଗ ନୁହେଁ। ଏହାପୂର୍ବରୁ ଉକ୍ତପମ୍ପ ବିରୋଧରେ ମାପରେ ଅନିୟମିତତା ନେଇ ଅଭିଯୋଗ ରହିଛି। ଏଥର ଡିଜେଲରେ କିରୋସିନ ଅପମିଶ୍ରଣ ଅଭିଯୋଗ ପାଇଲା ପରେ ତେଲର ମାନ ପରୀକ୍ଷା ଓ ମାପ ଯାଞ୍ଚ ଲାଗି ଯୋଗାଣ ବିଭାଗକୁ ଲେଖାଯାଇଥିବା କହିଛନ୍ତି।

# ହକି ଟୁର୍ନାମେଣ୍ଟ: ଏକାଠି ଖେଳିଲେ ଯୁବତୀ ଯୁବକ

ସମ୍ବଲପୁର, ୧।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ମେଘପାଳ ପଞ୍ଚାୟତ ଖେଳ ପଡିଆରେ ରବିବାର ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଏକ ଅଭିନବ ଖେଳ ଦେଖିବାକୁ ମିଳିଥିଲା। ଏକାଠି ଭାବେ ଯୁବତୀଯୁବକ ଖେଳିବା ସହ ପରସ୍ପରକୁ ଉତ୍ସାହିତ କରିଥିଲେ। ଏଥିରେ ଦାଉପଡା, ରାଣଡାଲ, ଛାମୁଣ୍ଡା ପଞ୍ଚାୟତର ଦେଓପାଲି, ଫୁଟୁନା ଗ୍ରାମର ପ୍ରାୟ ୬୦ଜଣ ଖେଳାଳି ସାମିଲ ହୋଇଥିଲେ। ୱାର୍ଡ ମେମ୍ବର ସୁମାନୀ ତପ୍ପୋ, ଶିକ୍ଷକ ନିସ୍ତାର ଯୋଯୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ।

# କେନାଲ ହୁଡାରୁ ମିଳିଲା ମହିଳାଙ୍କ ମୃତଦେହ

**ହତ୍ୟା ସନ୍ଦେହ**

ବୌଦ୍ଧ,୧।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରାମଚନ୍ଦ୍ରପୁର ଗ୍ରାମ ନିକଟ କେନାଲ ହୁଡାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରବିବାର ସକାଳ ୬ଟା ସମୟରେ ବୀରାମଚନ୍ଦ୍ରପୁର ଗ୍ରାମର ଅଷ୍ଟମି ଜେନାଙ୍କ ସ୍ତ୍ରୀ ସନ୍ତୋଷିନୀ (୩୫) ଶୌଚ ହେବାକୁ ଗାଁ ପାଖ କେନାଲ ହୁଡାକୁ ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନ ଥିଲେ। ତେବେ ଗ୍ରାମର ଅନ୍ୟ କେତେଜଣ ଉକ୍ତ କେନାଲ ହୁଡାକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ସନ୍ତୋଷିନୀଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମକୁ ଆସି ଅନ୍ୟମାନଙ୍କୁ କହିଥିଲେ। ଗ୍ରାମବାସୀ ଏନେଇ ଗ୍ରାମରକ୍ଷୀଙ୍କୁ କହିବା ପରେ ସେ ବୌଦ୍ଧ ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏନେଇ ସନ୍ତୋଷିନୀଙ୍କ ସଂପର୍କୀୟ ଭାଇ ବୌଦ୍ଧ ଥାନାରେ ଭଉଣୀଙ୍କୁ କେହି ଅଜଣା ବ୍ୟକ୍ତି ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ନଂ ୨୭୭/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏନେଇ ଥାନା ଏସଆଇ ପୁରୁଷୋତ୍ତମ ସ୍ୱାଇଁଙ୍କୁ ପଚାରିବାରେ ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

# ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା

ସୋନପୁର,୧।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କୈବର୍ତ୍ତ ସମାଜ ପକ୍ଷରୁ ଇଷ୍ଟଦେବୀ ମା' ମାଣିକେଶ୍ୱରୀଙ୍କ ବାର୍ଷିକ ମହାପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୁଗାର ଯାତ୍ରା ଆୟୋଜିତ ହୋଇଥିଲା। ରାଜା ରାଜୁଡା ଅମଳରୁ ଶତାଧିକ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜାରେ ଜିଲାର ବିଭିନ୍ନ ସ୍ଥାନରୁ କୈବର୍ତ୍ତମାନେ ସାମିଲ ହୋଇଥିଲେ। ସକାଳେ ଘୋଡାଘାଟ ପଡାସ୍ଥିତ ପୁରୋହିତଙ୍କ ବାସଭବନରୁ ମା'ଙ୍କୁ ଶୋଭାଯାତ୍ରାରେ ମନ୍ଦିରକୁ ଅଣାଯାଇଥିଲା। ମଧ୍ୟାହ୍ନରେ ଜୁଗାର ଯାତ୍ରା ସ୍ଥାନୀୟ ଟିକିରିପଡାରୁ ବାହାରି ତେନ୍ତୁଳିଘାଟ, ଗୁଣ୍ଡିଚାମନ୍ଦିର, ଦୁର୍ଗାମଣ୍ଡପ, ବିଜୁ ପଟ୍ଟନାୟକ ଛକ ଓ ନଳିନୀ ଛକ ଦେଇ ମାଣିକେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲା। ଏହି ଯାତ୍ରା ମନ୍ଦିରରେ ପହଞ୍ଚିବା ପରେ ବିଶେଷ ପୂଜା ଅନୁଷ୍ଠିତ ହୋଇଥିଲା। କୈବର୍ତ୍ତ ସମାଜର ଜିଲା ସଭାପତି ଦେବରାଜ ମହାଲିକ, ଜିଲା ଉପସଭାପତି ରାମଶଙ୍କର ସାହୁ, ସମ୍ପାଦକ ରବୀନ୍ଦ୍ରନାଥ ତରିଆ, ସହସମ୍ପାଦକ କେଶବ ସାହୁ, କୋଷାଧ୍ୟକ୍ଷ ରଘୁନାଥ ନାଏକ, ମାର୍କଣ୍ଡ ତରିଆ, ପବିତ୍ର ସାହୁ, ନରସିଂହ ମହାଲିକ ଓ ବୈଦ୍ୟନାଥ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ରବିବାର ଜିଲାର କୈବର୍ତ୍ତମାନେ ନଦୀରୁ ମାଛ ମାରି ନ ଥିଲେ।



ମା' ମାଣିକେଶ୍ୱରୀ।

## କପଡା ଦୋକାନରୁ ଚୋରି

ତରଭା,୧।୧୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଖାରୀ ଛକରେ ଥିବା ଧିରୋଜ ଡ୍ରେସେସ୍‌ରୁ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଛି। ଏ ନେଇ ଦୋକାନ ମାଲିକ ସନ୍ତୋଷ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଚୋରଙ୍କ ପତ୍ତା ମିଳିନାହିଁ। ଆଇଆଇସି ଡୋଳାମଣି ଭୋଇ,ଏସ.ଆଇ. ପୀୟୁଷ ରାଜ ନାଏକ, ଏଏସଆଇ ଚିତ୍ତରଞ୍ଜନ ମହାନନ୍ଦିଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରବିବାର ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ଜିଲା କଂଗ୍ରେସର ସାଙ୍ଗଠନିକ ବୈଠକ

ବଲାଙ୍ଗୀର ଅଫିସ, ୧।୧୧

ବଲାଙ୍ଗୀର ଜିଲା କଂଗ୍ରେସର ସାଙ୍ଗଠନିକ ସଭା ଜିଲା କଂଗ୍ରେସ ପ୍ରବକ୍ତା ସାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଛି। କରୋନାରେ ମୃତ୍ୟୁବରଣ କରିଥିବା କଂଗ୍ରେସ କର୍ମୀ ଓ ସାଧାରଣ ଜନତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ପରେ ନବନିଯୁକ୍ତ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭାପତି ଅଜୟ ବାଲିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦାନ କରି କେନ୍ଦ୍ର ଓ ରାଜ୍ୟର କୃଷକ ମାରଣନୀତି, ବେରୋଜଗାର ଯୁବକ, ଅସହାୟ ଖଟିଖିଆ, ମଜୁରିଆଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରର ଅବହେଳା ବିରୋଧରେ ଜନସାଧାରଣଙ୍କୁ ଅବଗତ କରାଯାଇ ତୃଣମୂଳସ୍ତରରେ ସଙ୍ଗଠନକୁ ମଜବୁତ କରାଯିବା ସମ୍ପର୍କରେ କହିଥିଲେ। ସଭାରେ ପିସିସି ସମ୍ପାଦକ ଉମାଶଙ୍କର ପଣ୍ଡା, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଉମାକାନ୍ତ ସାହୁ, ସନ୍ତକ ବହିଦାର, ସେବାଦଳ ମୁଖ୍ୟ ଅସିତ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଓମ୍ ପ୍ରକାଶ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତ ଗିରଫ ପରେ ବଢ଼ିଲା ଅସନ୍ତୋଷ

- ରେଷ୍ଟ ହାଉସ୍ ଭଙ୍ଗାରୁଜା ପରେ ପୋଡାଜଳା
- ଭୟରେ ଯାଉନି ବନ ବିଭାଗ
- ପୋଲିସ ପାଖରେ ପୁଣି ଅଭିଯୋଗ

ସମ୍ବଲପୁର,୧।୧୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ କୋଲଗାଁ ରେଷ୍ଟ ହାଉସ ଓ କ୍ୱାର୍ଟର ଭଙ୍ଗାରୁଜା ଘଟଣାରେ ପୋଲିସ ରାକେଶ ପ୍ରଧାନ(୨୬) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାକେଶ ଏହି ଘଟଣାରେ ସମ୍ପୃକ୍ତ ନ ଥିଲେ ଏବଂ ମିଛରେ ପୋଲିସ ଗିରଫ କରି ନେଇଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେବେ କେତେକ ଦୁର୍ବୃତ୍ତ ଓ ଶିକାରୀ ପୁଣି ରେଷ୍ଟ ହାଉସ ଓ କ୍ୱାର୍ଟରକୁ ପଶି ପୋଡାଜଳା କରିଥିବା ବନ ବିଭାଗ ଅଭିଯୋଗ କରିଛି। ଏହି ଘଟଣା ପରେ ବନ ବିଭାଗ କର୍ମଚାରୀ ଓ ଅଧିକାରୀ ଭୟରେ ରେଷ୍ଟ ହାଉସକୁ ଯାଉ ନାହାନ୍ତି। ଫଳରେ ବନ୍ୟପ୍ରାଣୀ ସୁରକ୍ଷା, ଗଛର ଯତ୍ନ ନେବା, ହାତୀ ଟ୍ରାକିଂ କାମ ସ୍ଥଗିତ କରି ରହିଛି। ବନ ବିଭାଗ କର୍ମଚାରୀ ରେଷ୍ଟ ହାଉସ୍‌କୁ ଗଲେ ବଡଧରଣର ଅଘଟଣ ଘଟିପାରେ ବୋଲି ମନରେ ଭୟ ରହିଛି। ପୋଲିସ ସୁରକ୍ଷା ନ ଦେଲେ କାମ କରିବା ଅସମ୍ଭବ ବୋଲି ବନ କର୍ମଚାରୀମାନେ କହିଛନ୍ତି। ଅନ୍ୟପଟେ ପୋଲିସ ପିସିଆର କୋଲଗାଁ ଗ୍ରାମକୁ ଯାଇଥିବା ବେଳେ ପୋଲିସ ସହିତ ମଧ୍ୟ କେତେକ ଦୁର୍ବୃତ୍ତ ବଚସା କରିଥିବା ଜଣାପଡିଛି। ବନ ବିଭାଗ, ଦୁର୍ବୃତ୍ତ ଓ ପୋଲିସ ମଧ୍ୟରେ ୫ଦିନ ହେଲା ଛକାପଞ୍ଝା ଜାରି ରହିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭାବେ ୩ ଜଣଙ୍କ ନାମ ରହିଛି।

ସୂଚନାଯୋଗ୍ୟ, କୋଲଗାଁ ସଂରକ୍ଷିତ ଜଙ୍ଗଲ ନିକଟରେ ଟ୍ରେଞ୍ଚ ଖୋଳା ଯାଇଥିଲା। ପୂର୍ବରୁ ଉକ୍ତ ଟ୍ରେଞ୍ଚରେ ପ୍ରାୟ ୧୬ଟି ବାର୍‌ହା ପଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଥିଲା। ତେବେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଗତ ଗୁରୁବାର ଅପରାହ୍ନରେ ଟ୍ରେଞ୍ଚ ପୋତି ଦିଆଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫୋନ ଯୋଗେ ବନ କର୍ମଚାରୀ ମାନଙ୍କୁ କେତେକ ଦୁର୍ବୃତ୍ତ ମଧ୍ୟ ଧମକ ଦେଇଥିଲେ। କିଛି ସମୟ ପରେ ବନ ବିଭାଗର ରେଷ୍ଟ ହାଉସରେ ଭଙ୍ଗାରୁଜା ହୋଇଥିଲା।

# ବଢୁଛି ଦୁର୍ଘଟଣା: ଆନ୍ଦୋଳନ ଚେତାବନୀ

ବିନିକା,୧।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ପ୍ରତିଦିନ ଛୋଟବଡ ସଡକ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ ଗତ ମାସକ ମଧ୍ୟରେ ୩୦ରୁ ୪୦ଜଣ ବ୍ୟକ୍ତି ଆହତ ହୋଇ ସାରିଲେଣି। ଏହାର ମୁଖ୍ୟ କାରଣ ବିନିକା-ସୋନପୁର ୩୯ ନମ୍ବର ମୁଖ୍ୟରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲଖମା ସୃଷ୍ଟି ହୋଇଛି। ଏପରି କି ବୁଲାଣି ରାସ୍ତାରେ ଟ୍ରାଫିକ ସୂଚନା ଫଳକ ମଧ୍ୟ ନାହିଁ। ଜାମପାଲି ଛକ, କମିରା, ସିଂଘିଯୁବା, ବିଶାଳପାଲି, ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଛକ, ଫୁଲମୁଠୀ ଛକ ନିକଟରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବିଶେଷ କରି ଉର୍ଲେ, ଜାମପାଲି, ସିଂଘିଯୁବା ଛକ ଠାରେ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ପିଚୁ ଉଠି ଯାଇଥିବା ବେଳେ ଗେଟି ବାହାରି ପଡିଛି। ଗାଡିମୋଟର ସାମାନ୍ୟ ଅସାବଧାନ ହୋଇ ଗଲେ ଓଲଟି ପଡିବାର ଆଶଙ୍କା ରହିଛି। ଯଥାଶୀଘ୍ର ରାସ୍ତା ମରାମତି କରା ନ ଗଲେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ସିଂଘିଯୁବା, କମିରା ଓ ବିଶାଳପାଲି ଅଞ୍ଚଳର ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି।

ଗତ ଶନିବାର ଅପରାହ୍ନରେ ଫୁଲମୁଠୀ ମୁଖ୍ୟରାସ୍ତାରେ ଜଣେ ସାଇକେଲ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଫୁଲମୁଠୀ ଗାଁର ହାଡୁ ବେରିହା(୫୫)। ଦୁର୍ଘଟଣାରେ ବେରିହାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ବୁର୍ଲାକୁ ରେଫର କରାଯାଇଛି। ସେହିପରି ରାସ୍ତା ଖରାପ ଯୋଗୁ ଶନିବାର ସନ୍ଧ୍ୟାରେ ପଣ୍ଡକିଟାଲ ଛକ ନିକଟ ବୁଲାଣିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ବାଇକ୍ ଆରୋହୀ ଅଷ୍ଟମ ଭୋଇନା (୩୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ଘର ବୌଦ୍ଧ ଜିଲା ବାଦଲଗୋରା ଗାଁରେ। ଆହତ ନିରୋଜ ନାଗ (୨୬)ଙ୍କ ଘର ରୁଗଡିକନପାର ଗାଁରେ। ଉଭୟ ଗୋଟିଏ ବାଇକରେ କୌଣସି କାମ ପାଇଁ ବିନିକା ବ୍ଲକ ମହାଦେବପାଲି ଗ୍ରାପର ସଂସାମୁରାକୁ ଆସିଥିଲେ। ନିଜ କାମସାରି ଘରକୁ ଫେରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଆହତ ନିରୋଜଙ୍କ ବାପା ଉମେଶ ମହାଦେବପାଲି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି। ସୋନପୁର-ବିନିକା ମୁଖ୍ୟରାସ୍ତାର ବିଭିନ୍ନ ଛକରେ ସୃଷ୍ଟି ହୋଇଥିବା ଖାଲଖମା ମରାମତି କରା ନ ଗଲେ ଆଗକୁ ଅଧିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେବା ଆଶଙ୍କା ରହିଛି।



ବିନିକା-ସୋନପୁର ମୁଖ୍ୟରାସ୍ତା ଦୁରାବସ୍ଥା।

# ରାସ୍ତା ଉପରେ ମଇଳା, ଡ୍ରେନ୍ ପୋତି ହେଲାଣି

- ବଲାଙ୍ଗୀର ମ୍ୟୁନିସିପାଲିଟି
- ଆବର୍ଜନା ପରିଚାଳନାର ନଗ୍ନ ଚିତ୍ର

ବଲାଙ୍ଗୀର ଅଫିସ, ୧।୧୧

ବଲାଙ୍ଗୀର ରାଜ୍ୟ ତଥା ପଶ୍ଚିମ ଓଡିଶାର ଏକ ପ୍ରମୁଖ ସହର। ତେବେ ସହର ଭିତର ଅନେକ ରାସ୍ତା, ଡ୍ରେନ୍, ବିଭିନ୍ନ ଜଳାଶୟ ଅବସ୍ଥା ଦେଖିଲେ ମ୍ୟୁନିସିପାଲିଟିର ଆବର୍ଜନା ପରିଚାଳନା କଥା ଧରାପଡିଯାଉଛି। ସହରର ବିଭିନ୍ନ ରାସ୍ତାରେ ଆବର୍ଜନା ଗଦା ଦେଖାଯାଉଛି। କେତେକ ମୁଖ୍ୟରାସ୍ତାକୁ ସଫା କରିଦେଇ ଗଳି ରାସ୍ତାଗୁଡିକରେ ଆବର୍ଜନା ଗଦା କରାଯାଉଛି। ବଲାଙ୍ଗୀର ଟିକ୍ରାପଡା ଭଗତ ସିଂ କ୍ଲବ୍ ରାସ୍ତା ଉପରେ ଆବର୍ଜନା ଗଦା ଦେଖିଲେ ମ୍ୟୁନିସିପାଲିଟିର ସଫେଇ କାର୍ଯ୍ୟକ୍ରମ କିଭଳି ଚାଲିଛି ଦେଖାଯାଉଛି। ରାସ୍ତା ଉପର ଛକରେ ଏଭଳି ଆବର୍ଜନା ଗଦାରୁ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ କିଭଳି କାର୍ଯ୍ୟ କରୁଛନ୍ତି ଓ ସେମାନଙ୍କୁ ନିରୀକ୍ଷଣ କରୁଥିବା ଅଧିକାରୀମାନେ କ'ଣ କରୁଛନ୍ତି ସେନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ବଲାଙ୍ଗୀର ବିକ୍ରମ ଛକରୁ ରେଲୱେ ଷ୍ଟେଶନ୍‌କୁ ଯାଇଥିବା ରାସ୍ତାକଡରେ ଡ୍ରେନ୍ ଅବ୍ୟବସ୍ଥା ଘେରରେ ରହିଛି। କେଉଁଠି ଡ୍ରେନ୍ ଅଛି ତ କେଉଁଠି ଡ୍ରେନ୍ ପୋତି ହେବା ଅବସ୍ଥାକୁ ଚାଲିଯାଇଛି। ଓରେଞ୍ଜ ହୋଟେଲ ଛକ ନିକଟରେ ଗୋଟିଏ ପଟେ ଡ୍ରେନ୍‌ରେ ଆବର୍ଜନା ପୂରି ରହିଛି। ଏଠାରେ ପକ୍କା ଡ୍ରେନ୍ ପୋତି ହୋଇଗଲାଣି। ପ୍ରତିବର୍ଷ ବର୍ଷାଋତୁରେ ଏହି ଡ୍ରେନ୍‌ରେ ଜଳ ନିଷ୍କାସନ ଠିକ୍ ଭାବେ ହେଉ ନ ଥିବାରୁ ବଟପନ ସ୍କୁଲ ପର୍ଯ୍ୟନ୍ତ ବର୍ଷା ପାଣି ରାସ୍ତା ଉପରେ ଜମି ରହେ। ସାମାନ୍ୟ ଅଧିକ ବର୍ଷା ହେଲେ ଏଠାରେ ଜଳ ନିଷ୍କାସନ ସୁଚାରୁରୂପେ ହୋଇପାରେ ନାହିଁ। ଏବେ ମଧ୍ୟ ଏଠାରେ ଡ୍ରେନ୍ ପାଣି ଜମିଯାଇଥିବାରୁ ଦୁର୍ଗନ୍ଧ ହେଉଛି। ମଶା, ମାଛି ବୃଦ୍ଧି ଘଟୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ କରୋନା ମହାମାରୀ ସମୟରେ ସଫାସୁତରା ପ୍ରତି ବିଶେଷ ଧ୍ୟାନ ଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ଜୋର ଦେଉଥିଲେ ମଧ୍ୟ ମ୍ୟୁନିସିପାଲିଟି ଏଦିଗରେ ଧ୍ୟାନ ଦେଉନାହିଁ। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପଚାରିବାରୁ, ସହରରେ ସଫେଇକୁ ଗୁରୁତ୍ୱ ଦିଆଯାଉଛି। ଯଦି କେଉଁଠି ଆବର୍ଜନା ପଡିରହୁଛି ବା ଡ୍ରେନ୍ ପୋତି ହେବାକୁ ବସିଲାଣି ସେଠାକୁ ମ୍ୟୁନିସିପାଲିଟି ଟିମ୍ ପଠାଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଟିକ୍ରାପଡାର ଏକ ରାସ୍ତା ଉପରେ ଆବର୍ଜନା ପଡିରହିଛି।

